## ସଂକ୍ଷେପରେ

ଲୋ-ଭୋଲ୍‌ଟେଜ ସମସ୍ୟା

### ସେସୁ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଫେରାଦ

**ଢେଙ୍କାନାଳ ଅଫିସ, ୩୦।୪:** ଢେଙ୍କାନାଳ ସହର କୁଞ୍ଜକାନ୍ତ ଲଳିତନଗର ଅଞ୍ଚଳରେ ଲୋ-ଭୋଲଟେଜ୍ ସମସ୍ୟା ବିଦ୍ୟୁତ୍ ଉପଭୋକ୍ତାଙ୍କ ଚିନ୍ତା ବଢ଼ାଇଛି। ଦୀର୍ଘଦିନ ହେଲା ଏହି ସମସ୍ୟା ଲାଗି ରହିଥିବାବେଳେ ଏହାର ସମାଧାନ ଦିଗରେ ସେସୁ କର୍ତ୍ତୃପକ୍ଷ ଆନ୍ତରିକତା ଦେଖାଉନାହାନ୍ତି। ଏହାର ପ୍ରତିବାଦରେ ଅଞ୍ଚଳବାସୀ ସେସୁ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଫେରାଦ ହୋଇ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ଅନୁଯାୟୀ, ପ୍ରତିବର୍ଷ ଖରାଦିନେ ଲୋ-ଭୋଲଟେଜ୍ ଅଞ୍ଚଳବାସୀଙ୍କ ଚିନ୍ତା ବଢ଼ାଉଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଏହାର ପ୍ରତିକାର କରାଯାଉନାହିଁ। ବିଦ୍ୟୁତ୍ ଉପଭୋକ୍ତାଙ୍କ ସଂଖ୍ୟା ବଢୁଥିଲେ ମଧ୍ୟ ଉଚ୍ଚ କ୍ଷମତାସମ୍ପନ୍ନ ଟ୍ରାନ୍ସଫର୍ମର ବସାଯାଉନାହିଁ। ଫଳରେ ଗ୍ରୀଷ୍ମପ୍ରବାହ ସମୟରେ ଏସି, ଫ୍ୟାନ୍, କୁଲର, ଫ୍ରିଜ୍, ପାଣିପମ୍ପ କାମ କରୁନାହିଁ। ଅଞ୍ଚଳର ବିଦ୍ୟୁତ୍ ଆବଶ୍ୟକତା ପୂରଣ କରିବାକୁ ଏକ ନୂତନ ଟ୍ରାନ୍ସଫର୍ମର ବସାଇବାକୁ ମଞ୍ଜୁରୀ ମିଳିଛି। ସେସୁ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଏହା କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଏହାର ପ୍ରତିକାର ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ସାହିବାସୀ ଦାବି କରିଛନ୍ତି। ଏଥିରେ ବିଳମ୍ବ ହେଲେ ପ୍ରତୀକାତ୍ମକ ଆନ୍ଦୋଳନ କରାଯିବ ବୋଲି ପ୍ରହ୍ଲାଦ ମିଶ୍ର, ଭୁବନେଶ୍ୱର ରାଉତ, ସବିତା ତ୍ରିପାଠୀ, ଛନ୍ଦାରାଣୀ ରାଉତ, ସ୍ନେହଲତା ବେହେରା, ବିଷ୍ଣୁଚନ୍ଦ୍ର ସିଂସାମନ୍ତ, ଭବାନୀ ଶଙ୍କର ସ୍ୱାଇଁ ପ୍ରମୁଖ ଚେତାବନୀ ଦେଇଛନ୍ତି।

### ପକ୍କା ରାସ୍ତା ନିର୍ମାଣ ଦାବି



**ବଇଣ୍ଡା,୩୦।୪(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ମଇମୁରା ପଞ୍ଚାୟତର କୁତୁଲିସିଙ୍ଗା -ଧୁତୁରାଖୋଳ ମାଟି ରାସ୍ତାକୁ ପକ୍କା କରିବା ପାଇଁ ଧୁତୁରାଖୋଳ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ଗ୍ରାମବାସୀ ମଙ୍ଗଳବାର ଅନୁଗୋଳ ଜିଲାପାଳଙ୍କୁ ଏକ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀ ଦର୍ଶାଇଛନ୍ତି ଯେ, ଧୁତୁରାଖୋଳକୁ ଯାତାୟତ କରିବା ପାଇଁ ଏକ ପାହାଡ଼ କାଟି ୧୦ ବର୍ଷ ପୂର୍ବେ ମାଟି ରାସ୍ତା ନିର୍ମାଣ କରାଯାଇଥିଲା। ହେଲେ ଉକ୍ତ ରାସ୍ତାକୁ ମରାମତି କରାଯାଉ ନାହିଁ। ଖାଲଖମା ଯୋଗୁ ବହୁ ଅସୁବିଧାରେ ଗ୍ରାମବାସୀ ଗମନାଗମନ କରୁଛନ୍ତି। ସାମାନ୍ୟ ବର୍ଷା ହେଲେ କାଦୁଅରେ ଚଳପ୍ରଚଳ କରିହେଉ ନାହିଁ। ତେଣୁ ଉକ୍ତ ରାସ୍ତାକୁ ପକ୍କା କରିବା ପାଇଁ ପୂର୍ବରୁ ବହୁବାର ପ୍ରଶାସନଠାରୁ ରାଜନେତାଙ୍କ ନିକଟରେ ଦାବି କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରୁ ନାହିଁ। ତେଣୁ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଏହାକୁ ଅନ୍ତର୍ଭୁକ୍ତ କରି ପକ୍କା ରାସ୍ତାରେ ପରିଣତ କରିବା ପାଇଁ ଗ୍ରାମବାସୀ ପ୍ରକାଶ ନାଏକ, ଶରତ ନାଏକ, ରାଜକିଶୋର ନାଏକ, ଗୋପାଳ ସେଠୀ, ସୁଜିତ୍ ନାଏକ, ସୁଦାମ ପ୍ରଧାନ, ମଙ୍ଗୁଲୁ ବେହେରା, ସଞ୍ଜୟ ପ୍ରଧାନ, ସୋମନାଥ ବେହେରା ପ୍ରମୁଖ ଦାବି କରିଛନ୍ତି।

### ଅଧ୍ୟକ୍ଷଙ୍କୁ ଅବସର ସମ୍ବର୍ଦ୍ଧନା

**ପରଜଙ୍ଗ, ୩୦।୪(ଡି.ଏନ.ଏ.)** ପରଜଙ୍ଗ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ. ସୁନୀଲ କୁମାର ରଥଙ୍କୁ ଷ୍ଟାଫ୍ କ୍ଲବ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଷ୍ଟାଫ୍ କ୍ଲବ ସଭାପତି ତଥା ନୂତନ ଭାବେ ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିଥିବା ପ୍ରଫେସର ସନାତନ ସାମଲଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦାୟୀ ଅଧ୍ୟକ୍ଷଙ୍କୁ ମାନପତ୍ର, ଉତ୍ତରୀୟ ଏବଂ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଡ. ସୁନୀଲ କୁମାର ରଥଙ୍କ ଅଧ୍ୟକ୍ଷ ଦାୟିତ୍ୱ ସମୟରେ ପରଜଙ୍ଗ କଲେଜକୁ ନାକ୍ ମାନ୍ୟତା ମିଳିପାରିଛି। ଏଥିସହ କଲେଜର ଭବ୍ୟ କୋଠା, ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ଛାତ୍ରାନିବାସ, ବଟାନିକାଲ ଗାର୍ଡେନ, ଚାରାରୋପଣ ଭଳି ଅନେକ ବିକାଶମୂଳକ କାର୍ଯ୍ୟ ହୋଇପାରିଛି। ଗୁଣାତ୍ମକ ଶିକ୍ଷାର ଅଭିବୃଦ୍ଧି କ୍ଷେତ୍ରରେ ତାଙ୍କର ବଳିଷ୍ଠ ଭୂମିକା ରହିଛି ବୋଲି ମତପ୍ରକାଶ ପାଇଥିଲା। ପ୍ରାଧାପକ ନୀହାର ରଞ୍ଜନ ସାହୁ, ଅଧାପକ ପ୍ରବୋଧ ରଥ, କ୍ଷୀତିଶ ଜେନାମଣି, ପ୍ରସନ୍ନ ସାହୁ, ସଞ୍ଜୟ ମୁଦୁଲି, ସଚ୍ଚିଦାନନ୍ଦ ପ୍ରଧାନ, ବିକାଶ ପ୍ରଧାନ, ଦୁର୍ଯ୍ୟୋଧନ ଆଚାର୍ଯ୍ୟ, ଅଧାପିକା ପ୍ରାଚୀପ୍ରଭା ସାଏନ୍ତ, ଶୁଭଶ୍ରୀ କର, ଦେବୀକୃପା ଦଳବେହେରା, ଜ୍ୟୋତିର୍ମୟୀ ପରିଡ଼ା, ସସ୍ମିତା ସାହୁ, ଶ୍ୱେତାଲିନା ନାୟକ ପ୍ରମୁଖ ସମସ୍ତ ଅଧାପିକାଅଧାପକ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।

■'ଫନୀ' ମୁକାବିଲା ପାଇଁ ପ୍ରଶାସନ ସଜାଗ

# କର୍ମଚାରୀଙ୍କ ଛୁଟି ବାତିଲ

**ଢେଙ୍କାନାଳ ଅଫିସ, ୩୦।୪**



ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

■ଭୟଭୀତ ନ ହେବାକୁ ପରାମର୍ଶ

■୨ରୁ ୫ ଯାଏ ଅଙ୍ଗନୱାଡି କେନ୍ଦ୍ର ବନ୍ଦ

■ସହାୟତା ପାଇଁ ଖୋଲିବ କଣ୍ଟ୍ରୋଲ ରୁମ

ସାମୁଦ୍ରିକ ଝଡ଼ 'ଫନି' ଭୟଙ୍କର ରୂପ ଧାରଣ କରି ଓଡ଼ିଶା ଉପକୂଳ ଆଡ଼କୁ ଅଗ୍ରସର ହେଉଛି। ଏହାକୁ ନେଇ ରାଜ୍ୟବାସୀଙ୍କ ମଧ୍ୟରେ ଛନକା ପଶିଥିବାବେଳେ ବାତ୍ୟା ମୁକାବିଲା ପାଇଁ ତତ୍ପର ହୋଇପଡ଼ିଛି ଢେଙ୍କାନାଳ ଜିଲା ପ୍ରଶାସନ। ମଙ୍ଗଳବାର ଅପରାହ୍ଣରେ ଜିଲା କାର୍ଯ୍ୟାଳୟ ଓସ୍‌ୱାନ ହଲ୍‌ରେ ଆୟୋଜିତ ଖବରଦାତା ସମ୍ମିଳନୀରେ 'ଫନୀ' ମୁକାବିଲା ଲାଗି ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଜିଲାପାଳ ନିଖିଲ ପୱନ କଲ୍ୟାଣ ସବିଶେଷ ସୂଚନା ଦେଇଛନ୍ତି। ବାତ୍ୟା ମୁକାବିଲା ପାଇଁ ସମସ୍ତ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କୁ ଛୁଟି ବାତିଲ କରାଯାଇଛି। ଉପଜିଲାପାଳ, ବିଡିଓ, ତହସିଲଦାରଙ୍କୁ ସଜାଗ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଶାସନ ସବୁ କ୍ଷେତ୍ରରେ ପ୍ରସ୍ତୁତ ଅଛି। ଏହାକୁ ନେଇ ଜନସାଧାରଣ ଭୟଭୀତ ନ ହେବାକୁ ଜିଲାପାଳ ନିବେଦନ କରିଛନ୍ତି।

ଯେକୌଣସି ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ଜିଲାରେ ୨ମାସ ଯାଏ ଖାଦ୍ୟ ସାମଗ୍ରୀ ମହଜୁଦ ରହିଛି। ଅତ୍ୟାବଶ୍ୟକ ଔଷଧ ସାମଗ୍ରୀ ବ୍ୟବସ୍ଥା କରାଯାଇଛି। ଗ୍ରୀଷ୍ମପ୍ରବାହ କାରଣରୁ ପାନୀୟ ଜଳ ସମସ୍ୟା ଦେଖାଦେଇଥିବାବେଳେ ଏହାର ସମାଧାନ ପାଇଁ ପ୍ରୟାସ ଜାରି ରହିଛି। ଅଗ୍ନିଶମ ବିଭାଗ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ପ୍ରାଣୀଧନ ଚିକିତ୍ସାଧିକାରୀଙ୍କୁ ସତର୍କ କରାଯାଇଛି। ବାତ୍ୟା ଆଶ୍ରୟସ୍ଥଳ ପ୍ରସ୍ତୁତ କରାଯାଇଥିବାବେଳେ କ୍ଷତିଗ୍ରସ୍ତଙ୍କୁ ତୁରନ୍ତ ସହାୟତା ଯୋଗାଇ ଦେବାକୁ ପଲିଥିନ ରଖାଯାଇଛି। ଆବଶ୍ୟକ ପଡ଼ିଲେ ଲୋକଙ୍କୁ ସ୍ଥାନାନ୍ତର କରାଯିବ। ସେମାନଙ୍କ ପାଇଁ ରୋଷେଇ ବ୍ୟବସ୍ଥା ମଧ୍ୟ କରାଯିବ।

କୋମଳମତି ଶିଶୁଙ୍କ ସୁରକ୍ଷା ଦୃଷ୍ଟିରୁ ମେ ୨ରୁ ୫ ତାରିଖ ଯାଏ ଜିଲାର ସମସ୍ତ ଅଙ୍ଗନୱାଡି କେନ୍ଦ୍ର ବନ୍ଦ ରଖାଯିବ। ଜିଲା କାର୍ଯ୍ୟାଳୟ ସମେତ ପଞ୍ଚାୟତ, ବ୍ଲକ ଏବଂ ଉପଖଣ୍ଡରେ ସହାୟତା ଲାଗି କଣ୍ଟ୍ରୋଲ ରୁମ୍ ଖୋଲାରହିବ। ବାତ୍ୟା ସମୟରେ ଜରୁରୀ ଖାଦ୍ୟ ସାମଗ୍ରୀର ଦର ବୃଦ୍ଧି ରୋକିବାକୁ ଜିଲା ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବାତ୍ୟା ପ୍ରଭାବରେ ୩ତାରିଖରୁ ଜିଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ନଦୀ, ନାଳରେ ପାଣି ଆସି ବାହ୍ୟଜଗତରୁ ବିଚ୍ଛିନ୍ନ ହେବା ଆଶଙ୍କା ଥିବା ଅଞ୍ଚଳ ପ୍ରତି ସତର୍କ ଦୃଷ୍ଟି ରଖାଯାଇଛି। ସାପ କାମୁଡ଼ା ଇଞ୍ଜେକ୍ସନ ଏବଂ ଝାଡ଼ାବାନ୍ତି ପ୍ରତିଷେଧକ ମହଜୁଦ ରହିଛି। ଜରୁରିକାଳୀନ ପରିସ୍ଥିତିରେ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ସହଯୋଗ କରାଯିବ। ଏଥିରେ ଆତଙ୍କିତ ନ ହେବା ପାଇଁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ପିଡି ଡିଆର୍‌ଡିଏ ନରୋତ୍ତମ ବେହେରା, ଜିଲା ଜରୁରୀ ଓ ଆପାତ୍‌କାଳୀନ ଅଧିକାରୀ ଶଶାଙ୍କ ଶେଖର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

■କାଳିନ୍ଦୀ ପ୍ରଧାନ ହତ୍ୟାକାଣ୍ଡ ମାମଲା

## ଖିଅ ପାଉନି ପୋଲିସ

**କାମାକ୍ଷାନଗର, ୩୦।୪(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଆଳତୁମା ଗ୍ରାମର କାଳିନ୍ଦୀ ପ୍ରଧାନ (୪୫) ହତ୍ୟାକାଣ୍ଡ ମାମଲାର ଖିଅ ଖୋଜିପାଉନି ପୋଲିସ। ଘଟଣାକୁ ୧୫ଦିନ ବିତିଯାଇଥିଲେ ମଧ୍ୟ କାଳିନ୍ଦୀଙ୍କ ମୃତ୍ୟୁ ଅଦ୍ୟାବଧି ରହସ୍ୟ ଘେରରେ ରହିଛି। ଅନ୍ୟପଟେ ଏହି ମାମଲାରେ ପୋଲିସ ଆନ୍ତରିକତା ଦେଖାଉ ନ ଥିବା ଅଭିଯୋଗ କରିଛନ୍ତି ମୃତକଙ୍କ ଭାଇ ବୁଦ୍ଧିମନ୍ତ ପ୍ରଧାନ। ଘଟଣାର ମୁଖ୍ୟ ଦିଗ ଉପରେ ଫୋକସ୍ କରାଯାଉ ନ ଥିବାରୁ ଅଭିଯୁକ୍ତ ଧରାପଡ଼ିବାରେ ବିଳମ୍ବ ହେଉଥିବା ସେ କହିଛନ୍ତି।

କାମାକ୍ଷାନଗର ଥାନା ମହୁଲପାଳ-ଜିରାଳ ରାସ୍ତାର ସାରୁଆଳି ଘୁମୁରା ନାଳ ନିକଟରୁ ଏପ୍ରିଲ ୧୨ରେ କାଳିନ୍ଦୀଙ୍କ କ୍ଷତାକ୍ତ ମୃତଦେହ ଉଦ୍ଧାର କରାଯାଇଥିଲା। ଘଟଣାସ୍ଥଳରୁ ସେ ବ୍ୟବହାର କରୁଥିବା ସ୍କୁଟର (ଓଡି ୦୬ ଏଫ୍ ୮୦୯୯) ଏବଂ ମୋବାଇଲ ଫୋନ୍ ମଧ୍ୟ ମିଳିଥିଲା। ପାରିପାର୍ଶ୍ୱିକସ୍ଥିତି ଏବଂ ପ୍ରାଥମିକ ତଦନ୍ତରୁ ଏହା ଏକ ହତ୍ୟାକାଣ୍ଡ ବୋଲି ପୋଲିସ ଅନୁମାନ କରିଥିଲା। ଥାନାଧିକାରୀ ନିରଞ୍ଜନ ସେଠୀ ସାଇଣ୍ଟିଫିକ ଟିମ୍ ସହ ପହଞ୍ଚି ତଦନ୍ତ କରିଥିଲେ। ଏ ନେଇ ବୁଦ୍ଧିମନ୍ତଙ୍କ ଅଭିଯୋଗକ୍ରମେ ନଂ. ୮୦/୧୯, ଦଫା ୩୦୨ରେ ମାମଲା ରୁଜୁ କରାଯାଇଥିଲା। ଅନ୍ୟପଟେ ହତ୍ୟାକାରୀଙ୍କ ଗିରଫ ଦାବିରେ ଗ୍ରାମବାସୀ ଓ ପରିବାର ଲୋକେ ଦୀର୍ଘ ୪ଘଣ୍ଟା ଧରି ୫୩ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ପୋଲିସ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲା। ଘଟଣାର ପର୍ଦ୍ଦାଫାଶ କରିବାକୁ ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକୋ ହଟିଥିଲା। ହେଲେ ଏଯାଏ କାଳିନ୍ଦୀଙ୍କ ମୃତ୍ୟୁ ରହସ୍ୟାବୃତ ହୋଇରହିଛି।

ଏ ନେଇ ବୁଦ୍ଧିମନ୍ତ କୁହନ୍ତି, ଘଟଣାର ପୂର୍ବଦିନ ବିଜାଡ଼ିହ ଗ୍ରାମର ଜଣେ ବ୍ୟକ୍ତିଙ୍କ ସହ କାଳିନ୍ଦୀ ଯାଇଥିଲେ। ତାଙ୍କୁ ଜେରା କଲେ ପ୍ରକୃତ ଘଟଣା ପଦାକୁ ଆସିବ। ହେଲେ ଏ ଦିଗରେ ଅନୁସନ୍ଧାନ କରାଯାଉନାହିଁ। ପୋଲିସର କାର୍ଯ୍ୟାବଳୀ ସନ୍ଦେହ ସୃଷ୍ଟି କରୁଛି। ପୋଲିସ ସାଧାରଣ ଲୋକଙ୍କୁ ନ୍ୟାୟ ନ ଦେଲେ କାହାକୁ ଦୁଃଖ କହିବୁ ବୋଲି ସେ କୋହଭରା କଣ୍ଠରେ କହିଛନ୍ତି। ଏ ନେଇ ଏସଡିପିଓ ସୁପ୍ରସନ୍ନ ମଲ୍ଲିକ କୁହନ୍ତି, କାଳିନ୍ଦୀଙ୍କ ମୃତ୍ୟୁ ଘଟଣାର ତଦନ୍ତ କରାଯାଉଛି। ବିଭିନ୍ନ ଦିଗକୁ ନେଇ ଖୋଳତାଡ଼ ଚାଲିଛି। ଖୁବ୍‌ଶୀଘ୍ର ସତ୍ୟ ପଦାକୁ ଆସିବ। ଅଭିଯୁକ୍ତ ଗିରଫ ହେବେ ବୋଲି ସେ ସୂଚନା ଦେଇଛନ୍ତି।

## ଗ୍ରୀଷ୍ମକାଳୀନ ଶିବିର ଦକ୍ଷତା ବଢ଼ାଏ


ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିରରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରମାନେ।

**କାମାକ୍ଷାନଗର, ୩୦।୪(ଡି.ଏନ.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ କାନପୁରାସ୍ଥିତ ପଞ୍ଚାୟତିରାଜ ହାଇସ୍କୁଲରେ ଚାଲିଥିବା ଗ୍ରୀଷ୍ମକାଳୀନ ଶିବିର ସୋମବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଶିବିରରେ ଛାତ୍ରୀଛାତ୍ରଙ୍କୁ ସ୍ୱତନ୍ତ୍ର ଶୈଳୀରେ ପାଠପଢ଼ା, ଚିତ୍ରକଳା, କ୍ରାଫ୍ଟ ୱାର୍କ, ଫଟୋଫ୍ରେମ୍ ପ୍ରସ୍ତୁତ କୌଶଳ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ନୃତ୍ୟସଙ୍ଗୀତ, ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ମାଧ୍ୟମରେ ସେମାନଙ୍କ ଅନ୍ତର୍ନିହିତ ଦକ୍ଷତା ବୃଦ୍ଧି କରିବା ଦିଗରେ ସୁଯୋଗ ସୃଷ୍ଟି କରାଯାଇଥିଲା।

ପ୍ରଧାନଶିକ୍ଷକ ଶ୍ରୀରାମ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଲୋକନାଥ ଷଡ଼ଙ୍ଗୀ, ମୁଖ୍ୟବକ୍ତା ନାଟ୍ୟକାର ଦୀନେଶ ଦାସ ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନେ କେବଳ ପୁସ୍ତକଗତ ଶିକ୍ଷା ମଧ୍ୟରେ ସୀମିତ ରହିବା ଅନୁଚିତ। ବାହ୍ୟ ପରିବେଶରୁ ମଧ୍ୟ ଅନେକ ମୂଲ୍ୟବାନ କଥା ଶିଖିବାର ଅଛି। ଏହାକୁ ଆୟତ୍ତ କରିବା ମଧ୍ୟ ଜରୁରୀ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

ସଙ୍ଗୀତ ଶିକ୍ଷକ ଅମିୟ ଦାଶ, ନୃତ୍ୟ ଶିକ୍ଷକ ଜିତେନ୍ଦ୍ର କୁମାର ଷଣ୍ଢ, ଶିକ୍ଷକ ନିରଞ୍ଜନ ସାହୁ, ନିର୍ମଳ ମହାନ୍ତି, ସୁରେଶ ବିଶ୍ୱାଳ, ଚନ୍ଦ୍ରମଣି ଲେଙ୍କା, ଧ୍ରୁବଚରଣ ସୁନ୍ଦରାୟ, କବିତା ରାଉତ, ରଶ୍ମିପ୍ରଭା ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ସାପ କାମୁଡ଼ାରେ ଦୋକାନୀ ଗୁରୁତର

**ଭୁବନ,୩୦।୪ (ଡି.ଏନ.ଏ.):** ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସି ଅନ୍ତର୍ଗତ ୯ନଂ.ୱାର୍ଡର ବିଶ୍ୱନାଥ ଅଗ୍ରୱାଲ (୪୫) ମଙ୍ଗଳବାର ସାପ କାମୁଡ଼ାରେ ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ଭୁବନ ଏବଂ ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ସ୍ଥାନୀୟ କାଳୀବଜାରରେ ବିଶ୍ୱନାଥଙ୍କ ପୂଜା ସାମଗ୍ରୀ ଦୋକାନ ଅଛି। ଦୋକାନ ଖୋଲି ପୂଜା କରୁଥିବାବେଳେ ଏକ ନାଗସାପ ତାଙ୍କ ଡାହାଣ ହାତ ଆଙ୍ଗୁଳିକୁ କାମୁଡ଼ି ଦେଇଥିଲା।

### ଗୁମୁରାବିଟ୍‌ରୁ ବଜ୍ରକାପ୍ତା ଉଦ୍ଧାର

**ଚମ୍ପୁଆ, ୩୦।୪(ଡି.ଏନ.ଏ):**

ଚମ୍ପୁଆ ରେଞ୍ଜ ଅନ୍ତର୍ଗତ ବାଲିବନ୍ଧ ସେକ୍ସନର ଗୁମୁରାବିଟ୍ ଅଞ୍ଚଳରୁ ବନ ବିଭାଗ ଦ୍ୱାରା ଆନୁମାନିକ ୨୦ କିଲୋଗ୍ରାମର ବଜ୍ରକାପ୍ତା ଉଦ୍ଧାର ହୋଇଛି। ସୁରକ୍ଷା ଦୃଷ୍ଟି କୋଣରୁ ବଜ୍ରକାପ୍ତାକୁ ଚମ୍ପୁଆ ରେଞ୍ଜ କାର୍ଯ୍ୟାଳୟକୁ ଅଣାଯାଇ ପରେ ଜଙ୍ଗଲରେ ଛାଡି ଦିଆଯାଇଥିବା ରେଞ୍ଜ ଅଧିକାରୀ ଘାସିନାଥ ପାତ୍ର ସୂଚନା ଦେଇଛନ୍ତି।

## ଅବସରକାଳୀନ ସମ୍ବର୍ଦ୍ଧନା


ପ୍ରଧାନ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଢେଙ୍କାନାଳ ଅଫିସ, ୩୦।୪**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ସନ୍ତପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଦୁର୍ଯ୍ୟୋଧନ ହୋତା ଏବଂ କାର୍ଯ୍ୟାଳୟ ସହକାରୀ ବସନ୍ତ କୁମାର ରାଉତଙ୍କୁ ମଙ୍ଗଳବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି।

ଜିଲା ଓଷ୍ଟା ସଂଘର ସଭାପତି ଅମ୍ବରୀଶ ଶତପଥୀ, ସମ୍ପାଦକ ଅକ୍ଷୟ ସାହୁ, ଅରବିନ୍ଦ ତ୍ରିପାଠୀ, ବୈଷ୍ଣବ ବେହେରା, ମନୋରଞ୍ଜନ ନାଥ, ସଞ୍ଜୟ ଭୋଇ, ଅଜୟ ନାୟକ, ବିପିନ ବିହାରୀ ଶତପଥୀ, ରମାକାନ୍ତ ଦାସ, ଶେଷଦେବ ନାଥ, ହଟ୍ଟକିଶୋର ସାହୁ ପ୍ରମୁଖ ଉଭୟଙ୍କ କର୍ମମୟ ଜୀବନର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଓଷ୍ଟା ଏବଂ ବିଦ୍ୟାଳୟ ପକ୍ଷରୁ ବିଦାୟୀ ପ୍ରଧାନ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବାବେଳେ କାର୍ଯ୍ୟାଳୟ ସହକାରୀଙ୍କୁ ଶ୍ରେଷ୍ଠ ସେବା ସମ୍ମାନ ପ୍ରଦାନ କରାଯାଇଥିଲା। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସଚ୍ଚିଦାନନ୍ଦ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷକ ସନ୍ତୋଷ ପାଣିଗ୍ରାହୀ, ପୁରୁଷୋତ୍ତମ ପତି, ସୁନିତା ବେହେରା, ରାଜେନ୍ଦ୍ର ବେହେରା, ବର୍ଷା ସେଠୀ, ମୋ ସ୍କୁଲ ଅଭିଯାନ ସଭାପତି ବନମାଳୀ ଲେଙ୍କା, ରାଜକିଶୋର ରାଉତ, କର୍ମଚାରୀ ହେମନ୍ତ ନାୟକ, ଡମ୍ବରୁଧର ସ୍ୱାଇଁ, ନିଶିକାନ୍ତ ନାୟକ, ଜ୍ୟୋତିବାଳା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଟ୍ରେଲର ଲାଗି ବିଦ୍ୟୁତ୍ ତାର ଛିଣ୍ଡିଲା



**ଛେଣ୍ଡିପଦା,୩୦।୪(ସ୍ୱ.ପ୍ର.):**

ଓଡିସି ଟ୍ରାନ୍ସପୋର୍ଟ କମ୍ପାନୀର ଏକ ଟ୍ରେଲର ବିଦ୍ୟୁତ୍ ତାରରେ ଲାଗିଯିବାରୁ ସୋମବାର ବିଳମ୍ବିତ ରାତିରେ ଛେଣ୍ଡିପଦା ବଜାରରେ ଥିବା ୩୦ରୁ ଊର୍ଦ୍ଧ୍ୱ ଦୋକାନର ବିଦ୍ୟୁତ୍ ତାର ଛିଣ୍ଡିଯିବା ସହ ବୈଦ୍ୟୁତିକ ଉପକରଣ ସବୁ ପୋଡ଼ିଯାଇଛି। ଘଟଣାରୁ ଜଣାପଡ଼ିଛି, ଏହି ଟ୍ରେଲର(ନଂ. ଆରଜେ୦୧ଜିଏ-୮୮୦୦) ଓ ଟ୍ରଲି (ନଂ. ଏଚଆର୫୫ଡବ୍ଲୁ-୩୦୯୯)କୁ ଛେଣ୍ଡିପଦା ପୋଲିସ ଓ ଓଡିସି ଟ୍ରାନ୍ସପୋର୍ଟର କର୍ମଚାରୀମାନେ ବଜାର ପାର କରାଉଥିବାବେଳେ ଉକ୍ତ ଗାଡି ଟଣାଯାଇଥିବା ବିଦ୍ୟୁତ୍ ତାରରେ ଲାଗି ଯାଇଥିଲା। ଫଳରେ ଛେଣ୍ଡିପଦା ବଜାରର ବହୁ ଦୋକାନର ବିଦ୍ୟୁତ୍ ତାର ଛିଣ୍ଡିଯାଇଥିବା ବ୍ୟବସାୟୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ସମ୍ପୃକ୍ତ ବ୍ୟବସାୟୀମାନେ କ୍ଷତିପୂରଣ ଦେବାକୁ ଦାବି କରିବା ସହିତ ଉକ୍ତ ଗାଡିକୁ ଅଟକ ରଖିଥିଲେ। ଉପସ୍ଥିତ ଥିବା କର୍ମଚାରୀମାନେ ଏହାର ସମାଧାନ ସକାଳ ୧୦ଟା ସୁଦ୍ଧା କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ଉତ୍ତେଜନା ଥମିଥିଲା। ତେବେ ପ୍ରତିଶ୍ରୁତି ପୂରଣ ନ ହେବାରୁ ବଜାର କମିଟି ତରଫରୁ ଟ୍ରାନ୍ସପୋର୍ଟ କମ୍ପାନୀ ବିରୋଧରେ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଅଭିଯୋଗକୁ ଭିତ୍ତିକରି ଘଟଣାର ତଦନ୍ତ କରାଯାଉଥିବା ପୋଲିସ ପ୍ରକାଶ କରିଛି।

# ଜାପାନର ନୂତନ ଯୁଗ


ପୁଅ ତଥା ଜାପାନର ନୂଆ ସମ୍ରାଟ ନାରୁହିତୋଙ୍କ ସହ ବିଦାୟୀ ସମ୍ରାଟ ଆକିହିତୋ।

**ଟୋକିଓ:** ଜାପାନ ଏବେ ପରିବର୍ତ୍ତନ ଆଡ଼କୁ ମୁହାଁଇଛି। ସମ୍ରାଟ୍ ଆକିହିତୋ ମଙ୍ଗଳବାର ରାଜଗାଦି ତ୍ୟାଗକରି ବୁଧବାର ତାଙ୍କର ପୁତ୍ର ରାଜକୁମାର ନାରୁହିତୋଙ୍କୁ ନୂତନ ରାଜାଭାବରେ ଅଭିଷିକ୍ତ କରାଇଛନ୍ତି। ୮୫ବର୍ଷୀୟ ବୃଦ୍ଧଙ୍କଠାରୁ ୫୯ ବର୍ଷୀୟ ପୁତ୍ରଙ୍କୁ ଏହି ଐତିହାସିକ ସିଂହାସନ ହସ୍ତାନ୍ତର ପର୍ବ ଆନନ୍ଦ ଉଲ୍ଲାସର ସହ ଅନୁଷ୍ଠିତ ହୋଇଯାଇଛି। ୩୦ ବର୍ଷ କାଳ ଜାପାନ ପରି ଦେଶର ସମ୍ରାଟ୍ ରହିବା ଅବସରରେ ଆକିହିତୋ ରକ୍ଷଣଶୀଳମାନଙ୍କ ଜାତୀୟତାବାଦ ଅପେକ୍ଷା ମାନବବାଦକୁ ପ୍ରାଧାନ୍ୟ ଦେଇ ସାଧାରଣ ଜନତାଙ୍କର ପ୍ରିୟଭାଜନ ହୋଇଥିଲେ। ପ୍ରତିଟି କାର୍ଯ୍ୟରେ ବିଶେଷକରି ପ୍ରାକୃତିକ ବିପର୍ଯ୍ୟୟ ଭଳି ପରିସ୍ଥିତିରେ ତାଙ୍କର ମାନବବାଦୀ ଚିନ୍ତାଧାରାର ପ୍ରତିଫଳନ ଦେଖିବାକୁ ମିଳୁଥିଲା। ନିର୍ବାଚିତ ପ୍ରତିନିଧିମାନଙ୍କ ହାତରେ ଶାସନ ଦାୟିତ୍ୱ ନ୍ୟସ୍ତ ଥିଲେ ମଧ୍ୟ ଜନସାଧାରଣ ହିଁ ଥିଲେ ତାଙ୍କର ସବୁ ଯୋଜନାର କେନ୍ଦ୍ରରେ।

ରାଜଗାଦିତ୍ୟାଗ କରିବା ଅବସରରେ ଆକିହିତୋ କହିଛନ୍ତି ଯେ ୩୦ ବର୍ଷ ତଳେ ସିଂହାସନାରୂଢ଼ ହେବା ଦିନଠାରୁ ଲୋକଙ୍କ ପ୍ରତି ଗଭୀର ବିଶ୍ୱାସ ଓ ସମ୍ମାନକୁ ନେଇ ସେ ନିଜର କର୍ତ୍ତବ୍ୟ କରିଆସିଛନ୍ତି। ସେ ନିଷ୍ଠାର ସହ ନିଜର କର୍ତ୍ତବ୍ୟ ପାଳନ କରିପାରିଥିବାରୁ ନିଜକୁ ଭାଗ୍ୟବାନ୍ ମନେକରନ୍ତି। ଜାପାନ ଓ ଏହାର ସମ୍ରାଟ୍‌ମାନଙ୍କର ଦୀର୍ଘ ଇତିହାସରେ ଏହା ଥିଲା ଏକ ବିରଳ ମୁହୂର୍ତ୍ତ। ନୂତନ ସମ୍ରାଟ୍‌ଙ୍କ ସିଂହାସନ ଆରୋହଣ ପର୍ବକୁ ସାରା ଦେଶରେ ଆନନ୍ଦ ଉଲ୍ଲାସର ସହ ପାଳନ କରିବା ପାଇଁ ସରକାର ୧୦ ଦିନିଆ ଛୁଟି ଘୋଷଣା କରିଛନ୍ତି। କାମ ପାଇଁ ପ୍ରତିବଦ୍ଧ ଏକ ଦେଶରେ ଏତେ ଦିନ ଛୁଟି ଘୋଷଣାରୁ ସେମାନେ ଏହାକୁ କେତେ ଗୁରୁତ୍ୱ ଦେଉଛନ୍ତି, ତାହା ବୁଝାପଡ଼ିଯାଉଛି। ଗତ ୨୦୦ ବର୍ଷ ଭିତରେ ଆକିହିତୋ ହେଉଛନ୍ତି ପ୍ରଥମ ସମ୍ରାଟ୍ ଯେକି ସ୍ୱେଚ୍ଛାକୃତ ଭାବରେ ରାଜସିଂହାସନ ତ୍ୟାଗ କରିଛନ୍ତି। ୧୮୧୭ ମସିହାରେ ତତ୍କାଳୀନ ସମ୍ରାଟ୍ କୋକାକୁ ଅନୁରୂପ ଭାବେ ସିଂହାସନ ତ୍ୟାଗ କରି ତାଙ୍କର ପୁତ୍ରକୁ ଗାଦିନସୀନ କରାଇଥିଲେ। ବର୍ତ୍ତମାନ ଜାପାନରେ ଆରମ୍ଭ ହେଲା 'ରେୱା ଏରା' ବା 'ସୌନ୍ଦର୍ଯ୍ୟ ଓ ସମନ୍ୱୟର ଯୁଗ'। ଇତିହାସ ଜାପାନର ଉତ୍ଥାନ-ପତନର ସାକ୍ଷୀ। ଆକିହିତୋଙ୍କ ପିତା ସମ୍ରାଟ୍ ହିରୋହିତୋଙ୍କ ଅମଳରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଆମେରିକାର ପରମାଣୁ ଆକ୍ରମଣରେ ଏହାର ବ୍ୟାପକ କ୍ଷୟକ୍ଷତି ହୋଇଥିଲେ ମଧ୍ୟ ଲୋକମାନଙ୍କ ଅଧ୍ୟବସାୟ ଓ ଗଭୀର ଜାତିପ୍ରୀତି ଯୋଗୁ ଖୁବ୍‌ଶୀଘ୍ର ଏହାର ଦ୍ରୁତ ଆର୍ଥିକ ଅଭିବୃଦ୍ଧି ଘଟିଥିଲା। ଏହି ଯୁଦ୍ଧ ପରେ ଜାପାନ ସାମରିକ ଶକ୍ତି ଉପରେ ଗୁରୁତ୍ୱ ନ ଦେଇ ଏକ ଶାନ୍ତିପ୍ରିୟ ଦେଶରେ ପରିଣତ ହୋଇଥିଲା। ଆଧୁନିକ ବିଶ୍ୱରେ ଜାପାନ ହେଉଛି ଦୁଇଟି 'ପି'ର ପ୍ରତୀକ: ପିସ୍ (ଶାନ୍ତି) ଓ ପ୍ରୋଗ୍ରେସ୍ (ପ୍ରଗତି)। ଏଥି ସହ ଆଉ ଗୋଟିଏ ଶବ୍ଦ ଯୋଡ଼ି ହୋଇଯାଇଛି- ଡାଇନାମିଜିମ୍ (ଗତିଶୀଳତା), ଯାହାଫଳରେ ଜାପାନ ଦ୍ୱିତୀୟ ବିଶ୍ୱଯୁଦ୍ଧର ପାଉଁଶ ଭିତରୁ ଫିନିକ୍ସ (ଅଗ୍ନିରୁ ଜନ୍ମ ନେଉଥିବା ପୌରାଣିକ ପକ୍ଷୀ ବିଶେଷ) ପରି ଅଗ୍ରଗତି କରିଚାଲିଛି ଫଳରେ ଏହା ବିଶ୍ୱର ଅନ୍ୟତମ ଅର୍ଥନୈତିକ ମହାଶକ୍ତିରେ ପରିଣତ ହୋଇଛି ଏବଂ ଏସିଆ ତଥା ଅନ୍ୟ ଦେଶଗୁଡ଼ିକ ଲାଗି ପ୍ରଗତିର ଆଲୋକବର୍ତ୍ତିକା ରୂପେ କାର୍ଯ୍ୟ କରୁଛି। ଚାଇନା ଆଜି ଇଲେକ୍ଟ୍ରୋନିକ୍ ଯନ୍ତ୍ରପାତି ତିଆରି କରିବାରେ ଯେଉଁ ପରଦର୍ଶିତା ଦେଖାଉଛି, ତାହା ସେ ଜାପାନକୁ ନକଲ କରି ହିଁ କରିବାରେ ସଫଳ ହୋଇଛି। କିନ୍ତୁ ମାନରେ ସେ କେବେହେଲେ ଜାପାନର ସମକକ୍ଷ ହୋଇପାରି ନାହିଁ। ଜାପାନର ପ୍ରାଧାନ୍ୟ ମାନେ ଏସିଆର ପ୍ରାଧାନ୍ୟ। ଜାପାନ ସହ ଭାରତର ସମ୍ପର୍କରେ ଏବେ ଯଥେଷ୍ଟ ଉନ୍ନତି ଘଟିଛି। ଭାରତରେ ଅନେକ ଭିତ୍ତିଭୂମି ପ୍ରକଳ୍ପ ନିର୍ମାଣରେ ଜାପାନ ସହଯୋଗ କରୁଛି। ତେଣୁ ଜାପାନରେ ନୂତନ ସମ୍ରାଟ୍‌ଙ୍କ ସିଂହାସନ ଆରୋହଣ ଭାରତ ପାଇଁ ମଧ୍ୟ ଆନନ୍ଦର ବିଷୟ। ଏଥି ସହ ବିଦାୟୀ ସମ୍ରାଟ୍‌ଙ୍କର ସୁଖଶାନ୍ତିପୂର୍ଣ୍ଣ ଦୀର୍ଘ ଜୀବନ ପାଇଁ ଭାରତ କାମନା କରିଛି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ,ବୁଧବାର,୧ ମେ /୨୦୧୯, Dhenkanal, Wednesday May 1 / 2019

## ସଂକ୍ଷେପରେ

### ଅଂଶୁଘାତରେ ବୃଦ୍ଧଙ୍କ ମୃତ୍ୟୁ ସନ୍ଦେହ

**୨ ଦିନରେ ପୋକତୁଙ୍ଗାରେ ୪ ମୃତ୍ୟୁ ନେଇ ଚର୍ଚ୍ଚା**

ବନ୍ତଲା,୩୦।୪(ଡି.ଏନ.ଏ.)- ଅନୁଗୋଳ ଜିଲା ବନ୍ତଲା ଥାନା ପୋକତୁଙ୍ଗା ଗ୍ରାମର ଯଦୁନାଥ ପ୍ରଧାନ(୮୦)ଙ୍କ ମୃତଦେହ ମଙ୍ଗଳବାର ସକାଳେ ମାଣପୁର ପାଣି ଛକ ନିକଟସ୍ଥ ଏକ ପୋଖରୀ ହୁଡାରୁ ଉଦ୍ଧାର କରାଯାଇଛି। ଅଂଶୁଘାତରେ ଯଦୁନାଥଙ୍କ ମୃତ୍ୟୁ ହୋଇଥିବା ପରିବାର ପକ୍ଷରୁ ସନ୍ଦେହ କରାଯାଉଛି। ସୋମବାର ସକାଳେ ଯଦୁନାଥ ନିଖୋଜ ଥିଲେ। ଏ ନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଅପରପକ୍ଷରେ ଯଦୁନାଥଙ୍କୁ ମିଶାଇ ପୋକତୁଙ୍ଗାରେ ୨ ଦିନ ମଧ୍ୟରେ ୩ ସ୍ୱାଭାବିକ ମୃତ୍ୟୁ ସହ ମୋଟ୍ ୪ଜଣଙ୍କ ଜୀବନ ଯିବା ଚର୍ଚ୍ଚାର ବିଷୟ ହୋଇଛି। ସୋମବାର ଗ୍ରାମର ଫୁଲ ପ୍ରଧାନ (୯୮)ଙ୍କ ବୟସାଧିକ କାରଣରୁ ମୃତ୍ୟୁ ହୋଇଥିବା ବେଳେ ମଙ୍ଗଳବାର ଯଦୁନାଥଙ୍କ ମୃତଦେହ ଉଦ୍ଧାର ସହ ତୁଳ୍ୟଲତା ପ୍ରଧାନ(୯୦) ଓ ପଳଉ ବେହେରା(୬୫)ଙ୍କ ସ୍ୱାଭାବିକ ଭାବେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି।

### ହାତୀ ଆକ୍ରମଣରେ ବୃଦ୍ଧ ଗୁରୁତର

ଛେଣ୍ଡିପଦା,୩୦।୪(ସ୍ୱ.ପ୍ର.)- ଛେଣ୍ଡିପଦା ବନାଞ୍ଚଳ ବ୍ରାହ୍ମଣବିଲ ସଂରକ୍ଷିତ ଜଙ୍ଗଲ ନିକଟସ୍ଥ ଟାକୁଆ ଗ୍ରାମ ବାଘୁଆମଲିହାଠାରେ ମଙ୍ଗଳବାର ଏକ ଦନ୍ତା ହାତୀ ଆକ୍ରମଣରେ କୋଶଳା ଗ୍ରାମର ଗୋକୁଳା ଚନ୍ଦ୍ର ପ୍ରଧାନ (୬୮)ଗୁରୁତର ହୋଇଛନ୍ତି। ଅପରାହ୍ନରେ ସେ ବାଘୁଆମଲିହା ନିକଟରେ ଥିବା ବଗିଚାରୁ କାଜୁ ତୋଳୁଥିବାବେଳେ ହାତୀ ତାଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ସେଠାରୁ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ ବନବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଁଞ୍ଚି ତଦନ୍ତ ଜାରି ରଖିଛନ୍ତି।

### ବିଷପିଇ ଛାତ୍ରୀଙ୍କ ଆତ୍ମହତ୍ୟା

ବଇଣ୍ଡା,୩୦।୪(ଡି.ଏନ.ଏ.)- ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଅଞ୍ଚଳର ଜଣେ ଛାତ୍ରୀ ମଙ୍ଗଳବାର ବିଷପିଇ ଆତ୍ମହତ୍ୟା କରିଛନ୍ତି। ତେବେ କେଉଁ କାରଣରୁ ସେ ଆତ୍ମହତ୍ୟା କଲେ ତାହା ଜଣାପଡ଼ି ନାହିଁ। ପୋଲିସ କହିଛି, ସମ୍ପୃକ୍ତା ଛାତ୍ରୀ ସକାଳୁ ବିଷ ପିଇ ଦେଇଥିବା ଜାଣି ପରିବାର ଲୋକେ ଗୁରୁତର ଅବସ୍ଥାରେ ଆଠମଲ୍ଲିକ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି। ଏ ସଂକ୍ରାନ୍ତରେ ନଂ. ୧/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଘୁଷୁରିଙ୍କ ନମୁନା ପରୀକ୍ଷା ପାଇଁ ଚିଠି

ଅନୁଗୋଳ ଅଫିସ, ୩୦।୪- ଅନୁଗୋଳରେ ବଢ଼ୁଛି ସ୍ୱାଇନ୍ ଫ୍ଲୁ ରୋଗୀଙ୍କ ସଂଖ୍ୟା। ଇତିମଧ୍ୟରେ ୨ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇସାରିଥିବା ବେଳେ ଏବେ ବି ୩ ଜଣ ଚିକିତ୍ସିତ ହେଉଛନ୍ତି। ତେବେ ଜିଲା ମୁଖ୍ୟ ଚିକିତ୍ସାଳୟ ସହ ସହରରେ ମାଳ ମାଳ ଘୁଷୁରି ବୁଲୁଥିବାରୁ ଏମାନଙ୍କ ରକ୍ତ ନମୁନା ପରୀକ୍ଷା କରିବା ପାଇଁ ମେଡିକାଲ କର୍ତ୍ତୃପକ୍ଷ ଜିଲା ପ୍ରାଣୀ ଚିକିତ୍ସକଙ୍କ ନିକଟକୁ ଚିଠି ଲେଖିଥିବା ସୂଚନା ମିଳିଛି।

### ସ୍କାଉଟ୍ସ ଓ ଗାଇଡ୍ସ ପକ୍ଷରୁ ଜଳ ବଣ୍ଟନ

ଅନୁଗୋଳ ଅଫିସ, ୩୦।୪ ଅନୁଗୋଳ ଜିଲା ସ୍କାଉଟ୍ସ ଓ ଗାଇଡ୍ସ ପକ୍ଷରୁ ମଙ୍ଗଳବାର ଥଣ୍ଡା ପାନୀୟ ଜଳ ବଣ୍ଟନ କରାଯାଇଥିଲା। ଜିଲା ଶିକ୍ଷା ଅଧିକାରୀ ସଚିଦାନନ୍ଦ ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ। ସହ ଶିକ୍ଷା ଅଧିକାରୀ ରୀତା କେରକେଟା, ବାଳିକା ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସହ ଗାଇଡ୍ସ କ୍ୟାପ୍‌ଟେନ୍ ଓ ଅନ୍ୟ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ପ୍ରଶାନ୍ତ କୁମାର ସିହ୍ନାଙ୍କ ତତ୍ତ୍ୱାବଧାନରେ ଅନୁଗୋଳ ଉଚ୍ଚ ବିଦ୍ୟାଳୟର ସ୍କାଉଟ୍ସ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଗାଇଡ୍ସ ଛାତ୍ରୀଛାତ୍ରଙ୍କ ସହ ବୀରେନ ପଟ୍ଟନାୟକ ଏବଂ ରବୀନ୍ଦ୍ରନାଥ ସାହୁ ସହଯୋଗ କରିଥିଲେ।

**ଥମିନି ଶ୍ରମିକ ଶୋଷଣ ନୀତି**

# ଏବେ ବି ଅବହେଳିତ ଠିକା ଶ୍ରମିକ

(ଉପେନ୍ଦ୍ର ରାଉତ)
ବଣଁରପାଳ, ୩୦।୪

ଶ୍ରମିକ ବିକାଶର ବାହକ। ପ୍ରଗତିର ପ୍ରମୁଖ ଭାଗୀଦାର। ସେମାନଙ୍କ ସହଯୋଗ ବିନା ଦେଶର ଉନ୍ନତି ସମ୍ଭବ ନୁହେଁ। ହେଲେ ବିଭିନ୍ନ କଳକାରଖାନାରେ କାର୍ଯ୍ୟରତ ପ୍ରଗତି ରଥର ଏହି ସାରଥିମାନେ ଅନେକ ସମୟରେ ଅବହେଳାର ଶିକାର ହେଉଛନ୍ତି। ଦୀର୍ଘ ବର୍ଷର କାର୍ଯ୍ୟ କୁଶଳତା ସତ୍ତ୍ୱେ ସେମାନଙ୍କୁ ଉପଯୁକ୍ତ ପାରିଶ୍ରମିକ ମିଳୁନି। ଆବଶ୍ୟକ ସୁବିଧା ସୁଯୋଗ ପ୍ରଦାନ କରାଯାଉନି। ଏଥିରୁ ବାଦ୍ ପଡ଼ିନାହାନ୍ତି ଶିଳ୍ପ ସମୃଦ୍ଧ ଅନୁଗୋଳ ଜିଲାର ଠିକା ଶ୍ରମିକମାନେ। ନାଲ୍‌କୋ, ଏନ୍‌ଟିପିସି ପରି ରାଷ୍ଟ୍ରାୟତ୍ତ ଉଦ୍ୟୋଗ ସହ ଏଠାରେ ଗଢ଼ି ଉଠିଥିବା ଅନେକ ଘରୋଇ ଶିଳ୍ପରେ ହଜାର ହଜାର ଠିକା ଶ୍ରମିକ କାର୍ଯ୍ୟ କରୁଛନ୍ତି। କିନ୍ତୁ ସେମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ଏଯାଏ ହୋଇପାରୁ ନ ଥିବା ବେଳେ ଅବହେଳା ଅଭିଯୋଗମାନ ବୃଦ୍ଧି ପାଉଛି। କେବଳ ନାଲ୍‌କୋର ସ୍ମେଲଟର ଓ ସିପିପି ପ୍ଲାଣ୍ଟରେ ପ୍ରାୟ ୬ ହଜାରରୁ ଊର୍ଦ୍ଧ୍ୱ ଠିକା ଶ୍ରମିକ ଅଛନ୍ତି। ନାଲ୍‌କୋ ନିର୍ମାଣରେ ସେମାନଙ୍କ ଅବଦାନ ସର୍ବଦା ସ୍ମରଣୀୟ। ତଥାପି ସ୍ଥାୟୀ ଶ୍ରମିକମାନଙ୍କ ତୁଳନାରେ ଏମାନେ ଅବହେଳିତ, ଉପେକ୍ଷିତ। ଶ୍ରମିକ ଦିବସ ଅବସରରେ ଏସବୁ ପ୍ରସଙ୍ଗକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା।



ନାଲ୍‌କୋ ସ୍ମେଲଟର ପ୍ଲାଣ୍ଟ।

### କୁଶଳୀଙ୍କୁ ଅଣକୁଶଳୀ ପ୍ରାପ୍ୟ

ପ୍ଲାଣ୍ଟ ପରିସରରେ ଅଣକୁଶଳୀ, ଅର୍ଦ୍ଧକୁଶଳୀ ଓ କୁଶଳୀ ଶ୍ରମିକ କାମ କରୁଛନ୍ତି। ଅନେକ ସମୟରେ କେତେଜଣ କୁଶଳୀଙ୍କୁ ଅଣକୁଶଳୀଙ୍କ କାର୍ଯ୍ୟ କରିବାକୁ ବାଧ କରାଯାଉଛି। ସେହିପରି କୁଶଳୀ ଓ ଅର୍ଦ୍ଧକୁଶଳୀ ନିଜ କାର୍ଯ୍ୟ ତୁଲାଉଥିଲେ ବି କେତୋଟି ଠିକା କମ୍ପାନୀ ସେମାନଙ୍କୁ ଅଣକୁଶଳୀ ଶ୍ରମିକଙ୍କ ମଜୁରି ପ୍ରଦାନ କରୁଛି।

### ଜାରିରହିଛି ଛଟେଇ ପ୍ରଥା

ନାଲ୍‌କୋରେ ଅନେକ ସମୟରେ ଠିକା ଶ୍ରମିକମାନଙ୍କୁ ଛଟେଇ କରାଯାଉଛି। ଫଳରେ ପ୍ଲାଣ୍ଟରେ କାର୍ଯ୍ୟ କରି ପରିବାର ଭରଣ ପୋଷଣ କରୁଥିବା ଏହି ଶ୍ରମିକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି କି ସିପିପି ମିଲ୍ ସାଇଡ୍‌ରେ କାର୍ଯ୍ୟ କରୁଥିବା ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ଠିକା ଶ୍ରମିକଙ୍କୁ ଡ୍ୟୁଟି ଦିଆଯାଉ ନ ଥିବାରୁ ୨ ମାସ ହେଲା ସେମାନେ ଫାଟକ ସମ୍ମୁଖରେ ବସି ରହିଛନ୍ତି।

### ସୁରକ୍ଷା ବ୍ୟବସ୍ଥା ଢିଲା

ସ୍ଥାୟୀ କର୍ମଚାରୀଙ୍କୁ ନାଲ୍‌କୋ କର୍ତ୍ତୃପକ୍ଷ ସିଧାସଳଖ ସୁରକ୍ଷା ସରଞ୍ଜାମ ଯୋଗାଇ ଦେଉଛନ୍ତି। ଠିକା ଶ୍ରମିକମାନଙ୍କୁ ଠିକା ସଂସ୍ଥା ପକ୍ଷରୁ ତାହା ଯୋଗାଣ ହେଉଛି। କିନ୍ତୁ ଅନେକ ସମୟରେ ଠିକା ସଂସ୍ଥା ଏଥିରେ ଅବହେଳା ପ୍ରଦର୍ଶନ କରୁଥିବା ଦେଖାଯାଉଛି। ଫଳରେ କେତେଜଣ ଶ୍ରମିକ ନିମ୍ନମାନର ସରଞ୍ଜାମ ପିନ୍ଧି କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି।

### କାର୍ଯ୍ୟକ୍ଷମ ହେଉନି କ୍ରେଚ୍

ଫ୍ୟାକ୍ଟ୍ରି ଆକ୍ଟ ପ୍ରୋଭିଜନ ୧୯୪୮ ଅନୁଯାୟୀ କାରଖାନାର ମହିଳା ଶ୍ରମିକଙ୍କ ଶିଶୁଙ୍କ ଲାଳନ ପାଳନ ପାଇଁ କାରଖାନା ପକ୍ଷରୁ ସାଧାରଣ ଶିଶୁ ପାଳନ ଗୃହ(କ୍ରେଚ୍) ନିର୍ମାଣ ବାଧ୍ୟତାମୂଳକ। ଏଠାରେ ଖେଳ ଉପକରଣ ସହ ନିୟୋଜିତ ଧାଈ ମହିଳା ଶ୍ରମିକଙ୍କ ପିଲାମାନଙ୍କ ଦେଖାଶୁଣା କରିଥାନ୍ତି। କିନ୍ତୁ ନାଲ୍‌କୋ କାରଖାନାରେ ମହିଳା ଶ୍ରମିକମାନଙ୍କ ଉନ୍ନତି ପାଇଁ ଏହି ଯୋଜନା କାର୍ଯ୍ୟକାରୀ ନିମନ୍ତେ କାହାରି ଆନ୍ତରିକତା ନ ଥିବା ପରି ମନେହୁଏ। କାରଣ ୨୦୦୯-୨୦୧୦ରୁ ସିପିପି ଓ ସ୍ମେଲଟରରେ ଦୁଇଟି କ୍ରେଚ୍ ନିର୍ମାଣ କରାଯାଇଥିଲେ ମଧ୍ୟ ସେଥିରେ ଆରମ୍ଭରୁ ତାଲା ଝୁଲୁଥିବା ଦେଖାଯାଉଛି।

### ଫାଙ୍କୁଛନ୍ତି ଠିକା ସଂସ୍ଥା

ପ୍ଲାଣ୍ଟରେ କାର୍ଯ୍ୟରତ ଠିକା ଶ୍ରମିକମାନଙ୍କ ପାଉଣାରୁ ଭବିଷ୍ୟନିଧି ପାଣ୍ଠି ବାବଦ ଅର୍ଥ କଟାଯିବା ବ୍ୟବସ୍ଥା ରହିଛି। ଠିକା ସଂସ୍ଥା ଓ ଠିକା ଶ୍ରମିକମାନେ ଏଥିପାଇଁ ଟଙ୍କା ଜମା କରିବେ। ମାତ୍ର କେତେକ ଠିକା ସଂସ୍ଥା ଟଙ୍କା ଜମା କରୁ ନ ଥିବା ଅଭିଯୋଗ ହେଉଛି। ଏହାକୁ ନେଇ ଶ୍ରମିକ ମହଲରେ ଅସନ୍ତୋଷ ଦେଖା ଦେବା ସହ ବହୁ ସମୟରେ ଧର୍ମଘଟ ମଧ୍ୟ କରାଯାଉଛି।

### କମୁଛି ମ୍ୟାନ୍ ପାୱାର

ନାଲ୍‌କୋ ସ୍ମେଲଟର ଓ ସିପିପି ପ୍ଲାଣ୍ଟରେ ଧୀରେ ଧୀରେ ମ୍ୟାନ ପାୱାର କମୁଛି। ପ୍ରତ୍ୟେକ ମାସରେ କର୍ମଚାରୀ ଅବସର ନେଉଛନ୍ତି। ଫଳରେ ବହୁ ସମସ୍ୟା ଉପୁଜୁଛି। କିନ୍ତୁ ନୂତନ ନିଯୁକ୍ତି କ୍ଷେତ୍ରରେ ନାଲ୍‌କୋ କର୍ତ୍ତୃପକ୍ଷ ସ୍ଥାୟୀ ପ୍ରତିକାର କରିପାରୁ ନ ଥିବାରୁ ଠିକା ଶ୍ରମିକମାନଙ୍କ ଉପରେ କାର୍ଯ୍ୟ ବୋଝ ବଢ଼ୁଛି।

### ଶ୍ରମନୀତି ପରିବର୍ତ୍ତନ ଏକ ଚକ୍ରାନ୍ତ



ବିଭବ ଜେନା।



ମାଙ୍ଗିଲାଲ ସାମଲ ।



ବାବୁଲି ସେଠୀ।

ନାଲ୍‌କୋ କଂଗ୍ରେସ ଶ୍ରମିକ ୟୁନିୟନ୍ କାର୍ଯ୍ୟକାରୀ ସଭାପତି ବିଭବ ଜେନା କୁହନ୍ତି, ସିପିପିରେ ଠିକା ସଂସ୍ଥାଗୁଡ଼ିକ ମନଇଚ୍ଛା ଆଇନ ଚଳାଇଛନ୍ତି। କୌଣସି ଶ୍ରମିକ ସମାଜ ନ୍ୟାଯ୍ୟ ଦାବି ହାସଲ ପାଇଁ ସ୍ୱର ଉତ୍ତୋଳନ କଲେ କାମରୁ ବାହାର କରି ଦିଆଯିବ ବୋଲି ଧମକ ଦିଆଯାଉଛି। ଠିକା ଶ୍ରମିକଙ୍କୁ ଛଟେଇ କରାଯାଉଥିବାରୁ ସେମାନେ ଆର୍ଥିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନେପୁ ସାଧାରଣ ସମ୍ପାଦକ ମାଙ୍ଗିଲାଲ ସାମଲ କୁହନ୍ତି, କେନ୍ଦ୍ର ସରକାର ଶ୍ରମନୀତିରେ ପରିବର୍ତ୍ତନ ପାଇଁ ଯେଉଁ ଚକ୍ରାନ୍ତ କରୁଛନ୍ତି ତାହାଦ୍ୱାରା ଶ୍ରମିକଙ୍କ ମୌଳିକ ଅଧିକାର କ୍ଷୁଣ୍ଣ ହେବ। ୨୦୧୯ ବର୍ଷରେ ୬ ଶହରୁ ଊର୍ଦ୍ଧ୍ୱ କର୍ମଚାରୀ ଅବସର ନେବେ। ତଥାପି ନୂତନ ନିଯୁକ୍ତି କ୍ଷେତ୍ରରେ କର୍ତ୍ତୃପକ୍ଷ ଧ୍ୟାନ ଦେଉନାହାନ୍ତି। ଠିକା ମଜଦୁର ସଭା ସଭାପତି ବାବୁଲି ସେଠୀ କୁହନ୍ତି, ବହୁ ଠିକା ସଂସ୍ଥା ଶ୍ରମିକଙ୍କ ସୁରକ୍ଷା ବ୍ୟବସ୍ଥା ଠାରୁ ଆରମ୍ଭ କରି ପିଏଫ୍ ଓ ଇଏସ୍‌ଆଇ ଜମା କରିବାରେ ଫାଙ୍କୁଛନ୍ତି। ବର୍ଷ ବର୍ଷ ଧରି କାର୍ଯ୍ୟ କରୁଥିବା ଠିକା ଶ୍ରମିକମାନଙ୍କୁ ଛଟେଇ ମଧ୍ୟ କରାଯାଉଛି।

### କ'ଣ କୁହନ୍ତି ନାଲ୍‌କୋ ପ୍ରଶାସନିକ ଅଧିକାରୀ

ନାଲ୍‌କୋ ମାନବ ସମ୍ବଳ ମହାପ୍ରବନ୍ଧକ ଦାୟିତ୍ୱରେ ଥିବା ଏସ୍.ଏନ୍. ସାହୁ କହିଛନ୍ତି, କୌଣସି ଶ୍ରମିକଙ୍କୁ ଅବହେଳା କରାଯାଉ ନାହିଁ। ଅନ୍ୟ କମ୍ପାନୀ ଅପେକ୍ଷା ଏଠିକାର ଠିକା ଶ୍ରମିକମାନଙ୍କ ମଜୁରି ମଧ୍ୟ ଉଚିତ୍ ଭାବେ ଦିଆଯାଉଛି। ମହିଳା ଶ୍ରମିକଙ୍କ ପାଇଁ ସ୍ୱତନ୍ତ୍ର କ୍ରେଚ୍ ନିର୍ମାଣ ହୋଇଛି। ହେଲେ ମହିଳା ଠିକା ଶ୍ରମିକମାନେ ସେଠାକୁ ଯିବା ପାଇଁ ଅମଙ୍ଗ ହେଉଛନ୍ତି।

**ଅଂଶୁଘାତ ୱାର୍ଡରେ ଦିଦିଙ୍କ କେକ୍ କଟା ଘଟଣା**

## ଏଡିଏମ୍‌ଓଙ୍କୁ ତଦନ୍ତ ନିର୍ଦ୍ଦେଶ

ଅନୁଗୋଳ ଅଫିସ, ୩୦।୪

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ଅଂଶୁଘାତ ୱାର୍ଡରେ ଗତ ଶନିବାର ରାତିରେ ଜନୈକା ଦିଦିଙ୍କ ଜନ୍ମଦିନ ପାଳନ ବେଳେ କେକ୍ କଟାଯିବା ଓ ଦେଢ଼ଘଣ୍ଟା ଧରି ନୃତ୍ୟଗୀତର ଆୟୋଜନ କରାଯିବା ନେଇ ସୋମବାର 'ଧରିତ୍ରୀ'ରେ ଖବର ପ୍ରକାଶ ପରେ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଅମରେନ୍ଦ୍ରନାଥ ମହାନ୍ତି। ମଙ୍ଗଳବାର ସନ୍ଧ୍ୟାରେ ସିଡିଏମ୍‌ଓ ମହାନ୍ତି ଏଡିଏମ୍‌ଓ (ମେଡିକାଲ) ଡାକ୍ତର ଲକ୍ଷ୍ମୀନାରାୟଣ ବିଶୋଇଙ୍କୁ ଡାକି ଘଟଣାର ତଦନ୍ତ କରି ଗୋଟିଏ ଦିନ ମଧ୍ୟରେ ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି।

ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱତନ୍ତ୍ର ଭାବେ ଶୀତତାପ ନିୟନ୍ତ୍ରିତ ଅଂଶୁଘାତ ୱାର୍ଡ ଖୋଲାଯାଇଛି। ଏଠାରେ କିଏ ଜନ୍ମ ଦିନ ପାଳନ ପାଇଁ ଅନୁମତି ଦେଲା, କେଉଁମାନେ ଜନ୍ମ ଦିନ ପାଳନ କରୁଥିଲେ, କାହାର ଜନ୍ମଦିନ ଥିଲା ସେସବୁର ଖୋଲତାଡ଼ କରାଯିବ। ଏପରି କି ଘଟଣା ସମ୍ପର୍କରେ ସେତେବେଳେ କେମିତି ଜଣାପଡ଼ିଲା ନାହିଁ ସେ ସମ୍ପର୍କରେ ମଧ୍ୟ ଜଣାଇବାକୁ ସିଡିଏମ୍‌ଓ କହିଛନ୍ତି। ଏଡିଏମ୍‌ଓ କହିଛନ୍ତି ଯେ, ସିଡିଏମ୍‌ଓ ଉକ୍ତ ଘଟଣା ସମ୍ପର୍କରେ ତଦନ୍ତ କରି ରିପୋର୍ଟ ମାଗିଛନ୍ତି। ବୁଧବାର ତଦନ୍ତ କରାଯାଇ ରିପୋର୍ଟ ପ୍ରଦାନ କରାଯିବ। ତେବେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବର୍ତ୍ତମାନ ସୁଦ୍ଧା କିଛି ନିଷ୍ପତ୍ତି ହୋଇନାହିଁ ବୋଲି ବିଶୋଇ ସୂଚନା ଦେଇଛନ୍ତି।

## ପଞ୍ଚାୟତ ମହିଳା ପ୍ରତିନିଧିଙ୍କ ବୈଠକ

ଛେଣ୍ଡିପଦା, ୩୦।୪(ଡି.ଏନ.ଏ.)

ଛେଣ୍ଡିପଦା ବ୍ଲକ ବାଲିପଟା ପଞ୍ଚାୟତ ଅଫିସ ରାଜୀବ ଗାନ୍ଧୀ ସେବା କେନ୍ଦ୍ରଠାରେ ମଙ୍ଗଳବାର ପଞ୍ଚାୟତ ପ୍ରତିନିଧିଙ୍କ ଆଞ୍ଚଳିକସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ମହିଳା ସଙ୍ଗଠନ ନାରୀ ସୁରକ୍ଷା ସମିତି ଆନୁକୂଲ୍ୟରେ ତଥା ଦି ହଙ୍ଗର ପ୍ରୋଜେକ୍ଟ ନୂଆଦିଲ୍ଲୀ ଆର୍ଥିକ ସହାୟତା କ୍ରମେ ଅଲିଭା ପଞ୍ଚାୟତ ମହିଳା ପ୍ରତିନିଧି ମହାସଂଘର ଏକ ଆଞ୍ଚଳିକ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ସଦସ୍ୟା ମୁଗୁନୀ ସାହୁ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଆଗାମୀ ଦିନରେ ଅଲିଭା ମହାସଂଘର ସହଯୋଗୀ ଭାବେ ମହିଳା ଅଧିକାର ସାମ୍ମୁଖ୍ୟ ଗଠନ କରିବା ପାଇଁ ଏଥିରେ ସ୍ଥିର କରାଯାଇଥିଲା। ସଙ୍ଗଠନର ସମସ୍ତ କର୍ମୀ ଉପସ୍ଥିତ ଥିଲେ। ସୁନୀତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରୋଜେକ୍ଟ କୋଅର୍ଡିନେଟର ଅଞ୍ଜନା ମହାଖୁଡ ବିବରଣୀ ପ୍ରଦାନ କରିଥିଲେ।

**ବନ୍ତଲା, କଣିହାଁରେ ଆମ ପୋଲିସ ସମିତି ବୈଠକ**

## ପାଟ୍ରୋଲିଂ କଡ଼ାକଡ଼ି ଉପରେ ଗୁରୁତ୍ୱ

ବନ୍ତଲା/ କଣିହାଁ,୩୦।୪(ଡି.ଏନ.ଏ.)




ବନ୍ତଲା ଥାନା ପ୍ରତୀକ୍ଷା ଗୃହରେ ମଙ୍ଗଳବାର ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଇଆଇସି ପ୍ରଦୀପ କୁମାର ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ପୁରୁଣାଗଡ଼ରେ ବନ୍ଦ ଥିବା ପୋଲିସ ବିଟ୍‌କୁ ପୁନଃ ପରିଚାଳନା ପାଇଁ ରାଜ୍ୟ ସରକାର ଗୃହବିଭାଗକୁ ନିବେଦନ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ବନ୍ତଲା ଛକରେ ଦିନ ଓ ରାତ୍ରିରେ ପାଟ୍ରୋଲିଂ କରିବା, ହେଲମେଟ୍ ଯାଞ୍ଚ, ବିନା ଲାଇସେନ୍ସ ଓ କାଗଜ ନ ଥିବା ଗାଡି ଜବତ କରିବା ଆଦି ଉପରେ ବୈଠକରେ ଆଲୋଚନା ହୋଇଥିଲା। ସେହିପରି ମଦ ବିକ୍ରି ରୋକିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିରେ ଆମ ପୋଲିସ ସମିତି ସଭାପତି ତ୍ରିନାଥ ସାହୁ, ଶାନ୍ତିଲତା ସାହୁ, ଟୁନା ମହାକୁଡ଼, ସଞ୍ଜୟ ଦାସ, ଜିତେନ୍ଦ୍ର ପ୍ରଧାନ, ହରିହର ସାହୁଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ସେହିପରି କଣିହାଁ ବ୍ଲକ ରେଙ୍ଗାଳି ଡ୍ୟାମ୍ ଥାନା ଓ କଣିହାଁ ଥାନା ତରଫରୁ ମଙ୍ଗଳବାର ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରେଙ୍ଗାଳି ଥାନା ପକ୍ଷରୁ କୁଲୁମା ପଞ୍ଚାୟତରେ ଅନୁଷ୍ଠିତ ବୈଠକରେ ସରପଞ୍ଚ ନିଶାକର ବିଶ୍ୱାଳ, ଆଇଆଇସି ସରୋଜ କୁମାର ସାମଲଙ୍କ ସହିତ ସମିତି ସଦସ୍ୟ ଓ ଗ୍ରାମାଞ୍ଚଳର ବହୁ ବ୍ୟକ୍ତି ଉପସ୍ଥିତ ଥିଲେ। ସେହିପରି କଣିହାଁ ଥାନା ତରଫରୁ ଅପରାହ୍ନରେ ବୈଠକ ଅନୁଷ୍ଠିତ ହୋଇଥିଲା। ଆଇଆଇସି ପ୍ରଭାତ କୁମାର ତ୍ରିପାଠୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ଉଭୟ ବୈଠକରେ ଶାନ୍ତିଶୃଙ୍ଖଳା ଦିଗରେ ପୋଲିସ କାର୍ଯ୍ୟ କରିବା ପାଇଁ ପାଟ୍ରୋଲିଂ, ପରିବେଶ ସୁରକ୍ଷା ପ୍ରତି ଦୃଷ୍ଟି ଦେବା, ଚୋରାଚାଲାଣ ରୋକିବା ଆଦି ଉପରେ ଆଲୋଚନା କରାଯାଇଥିଲା।

## ଶିକ୍ଷକ ପ୍ରଶିକ୍ଷଣ ସାମର୍ଥ୍ୟ କାର୍ଯ୍ୟକ୍ରମ




ଅନୁଗୋଳ ଅଫିସ, ୩୦।୪

ଓଡ଼ିଶା ମାଧ୍ୟମିକ ଶିକ୍ଷା ମିଶନ, ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶକ୍ରମେ ଜିଲାସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ ସାମର୍ଥ୍ୟ କାର୍ଯ୍ୟକ୍ରମ ତାଳଚେର ବ୍ଲକ ସ୍ଥିତ ହାଣ୍ଡିଧୁଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଉଦ୍‌ଘାଟିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା, ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ କେଦାର ବେହେରା ଓ ତାଳଚେର ବ୍ଲକ ଶିକ୍ଷା ଅଧିକାରୀ ସୁନୀଲ ମୁଣ୍ଡା ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିଶୋର କର ସଭାପତିତ୍ୱ କରିଥିଲେ। ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ମାଧ୍ୟମିକ ଶିକ୍ଷା କ୍ଷେତ୍ରରେ ଅଭିବୃଦ୍ଧି ଘଟାଇବା ତଥା ଗୁଣାତ୍ମକ ଶିକ୍ଷା ପାଇଁ ନୂତନ କୌଶଳ ଗୁଡ଼ିକ ସହିତ ପରିଚିତ କରାଇବାରେ ଏ ପ୍ରକାର ପ୍ରଶିକ୍ଷଣ ସହାୟକ ହେବ ବୋଲି କହିଥିଲେ। ଜିଲା ଶିକ୍ଷା ଅଧିକାରୀ ଶିଶୁମାନେ କିପରି ଉପଯୁକ୍ତ ଶିକ୍ଷା ପାଇବେ ସେଥିପାଇଁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମ ମେ ୮ ତାରିଖ ଯାଏ ଚାଲିବ।

**ଅପପୁଷ୍ଟି ଦୂରୀକରଣ ସମୀକ୍ଷା ବୈଠକ**

## ନିଷ୍ଠାର ସହ ଦାୟିତ୍ୱ ନିର୍ବାହ କରିବାକୁ ପରାମର୍ଶ

ଅନୁଗୋଳ ଅଫିସ, ୩୦।୪



ଜିଲାରେ ଶିଶୁମାନଙ୍କ ମଧ୍ୟରେ ଅପପୁଷ୍ଟି ଦୂରୀକରଣ ପାଇଁ ଏକ ସମୀକ୍ଷା ବୈଠକ ମଙ୍ଗଳବାର ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଶିଶୁ ଓ ମାତୃ ମୃତ୍ୟୁ ହାର କମାଇବା ସହ ସମନ୍ୱିତ ଶିଶୁ ବିକାଶ ଯୋଜନାର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଜିଲାପାଳ ସମୀକ୍ଷା କରିଥିଲେ। ଗତ ମାର୍ଚ୍ଚରେ ଜିଲାରେ ଅପପୁଷ୍ଟି ହାର ୪୦ ପ୍ରତିଶତ ଥିଲା। ଏହି ମାସରେ ୨ ଜଣ ମା' ଓ ୨୮ ଶିଶୁଙ୍କ ମୃତ୍ୟୁ ହୋଇଥିଲା। ଜିଲାରେ କାହିଁକି ଶିଶୁମାନେ ଅପପୁଷ୍ଟିର ଶୀକାର ହେଉଛନ୍ତି ଓ ଏହାର ନିରାକରଣ ପାଇଁ କ'ଣ ସବୁ ପଦକ୍ଷେପ ନିଆଯାଉଛି ସେ ସମ୍ପର୍କରେ ଜିଲାପାଳ ସିଡିପିଓମାନଙ୍କୁ ପଚାରି ବୁଝିଥିଲେ। ଅପପୁଷ୍ଟି ଦୂର ପାଇଁ ସମସ୍ତେ ନିଷ୍ଠାର ସହ ଦାୟିତ୍ୱ ନିର୍ବାହ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଗର୍ଭବତୀ ମହିଳାମାନଙ୍କ ପ୍ରସବ ବେଦନା ଆରମ୍ଭ ହେବା କ୍ଷଣି ତୁରନ୍ତ ସେମାନଙ୍କୁ ଡାକ୍ତରଖାନା ନେବାକୁ ସମ୍ପୃକ୍ତ ଆଶା ଓ ଅଙ୍ଗନୱାଡ଼ି କର୍ମୀମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଅମରେନ୍ଦ୍ରନାଥ ମହାନ୍ତି ପରାମର୍ଶ ଦେଇଥିଲେ। ଡାକ୍ତରଖାନାରେ କିପରି ସନ୍ତାନ ପ୍ରସବ ଅଧିକ ସଂଖ୍ୟାରେ ହେବ ସେଥିପାଇଁ ଆଶା ଓ ଅଙ୍ଗନାୱାଡ଼ି କର୍ମୀମାନେ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ, ୟୁନିସେଫର ପରାମର୍ଶଦାତା ପ୍ରିୟବ୍ରତ ଦାସ, ଏଡିଏମ୍‌ଓ (ଜନସ୍ୱାସ୍ଥ୍ୟ) ଡାକ୍ତର ରାକେଶ କୁମାର ସାହୁ, ଜେଏସ୍‌ପିଏଲ୍‌ର ଜିଏମ୍ (ସିଏସ୍‌ଆର୍) ପୁଷ୍ପଲତା ଶତପଥୀ, ଏଲ୍‌ଡିଏମ୍ ମହେଶ୍ୱର ଗୌଡ଼ଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଓ ସମାଜ ମଙ୍ଗଳ ବିଭାଗ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ସମାଜ ମଙ୍ଗଳ ଅଧିକାରୀ ଆଲମା ବରୁଆ ସମୀକ୍ଷା ବୈଠକର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଆରସିଡିଏସ୍ (ଏନ୍‌ଓପି)ର ଜିଲା କାର୍ଯ୍ୟକ୍ରମ ପରିଚାଳିକା ଝିଲି ଖଟୁଆ ପାୱାର ପଏଣ୍ଟ ମାଧ୍ୟମରେ ବିଭିନ୍ନ କାର୍ଯ୍ୟକ୍ରମ କାର୍ଯ୍ୟକାରିତା ସମ୍ପର୍କରେ ଅବଗତ କରିଥିଲେ।



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ